Oriyamusic.com
[Promoting the music of Orissa]

# କି ଲାଗି ଡାକିବି ମହାବାହୁ ବୋଲି

କି ଲାଗି ଡାକିବି ମହାବାହୁ ବୋଲି ଟେକିଲ ତ ନାହିଁ ହାତ
ହେ ଏ ଏ କି ଲାଗି ଡାକିବି
ମିଛେ ସିନା ଚଉବାହା ବୁଲାଉଛ --୨
ଭଣ୍ଡିବାକୁ ଜଗନ୍ନାଥ ହେ....... କି ଲାଗି ଡାକିବି

ବୋଲାଉଛ ମିଛେ ଭକତ ବତ୍ସଳ ତୁମ କପଟର ନାହିଁ ଥଳକୂଳ
ମଝି ଦରିଆରେ ଭାସି ଯାଏ ଯିଏ --୨
ତାହାତୁ ଛଡାଅ କାତ ହେ... କି ଲାଗି ଡାକିବି

ଏହି ପରା ତୁମ ମହତ ପଣିଆ ଦୀନଜନ ନାଥ ବୋଲି ପଡେ ନାଁ
ବଡ ଲୋକେ ଖିର ସର ଖୁଆଇବ --୨ ରଙ୍କ ମୁଖୁ କାଢି ଭାତ
ହେ... କି ଲାଗି ଡାକିବି ମହାବାହୁ ବୋଲି ଟେକିଲ ତ ନାହିଁ ହାତ ହେ ଏ ଏ କି ଲାଗି ଡାକିବି

-----------------

*ସୌଜନ୍ୟ - ଶ୍ରୀମତୀ ନମିତା ସାହୁ, ଅଷ୍ଟ୍ରେଲିଆ*

WWW.ORIYAMUSIC.COM